# <u>ଅପରାଧିକ ଅଇନ ସଚେତନତା ପ୍ରୋଜେକ୍ଟ</u>

ଗୃହ ମନ୍ତ୍ରଣାଳୟ ଦ୍ୱାରା ଗଠିତ ଅପରାଧିକ ଆଇନ  ସୁଧାର କମିଟି ଉପରେ ମନ୍ତବ୍ୟ ସଂଗ୍ରହ ଏବଂ ବିସ୍ତାର କରିବା ଏହି ୱେବସାଇଟର ଉଦ୍ଦେଶ୍ୟ। କମିଟିର  କାର୍ଯ୍ୟକ୍ରମ ଅସ୍ପଷ୍ଟ, ହେଲେହେଁ ଏହା ଭାରତର ଅପରାଧିକ ଆଇନରେ ସୁଦୂରପ୍ରସାରୀ ପରିବର୍ତ୍ତନ କରିବାର ଲକ୍ଷ୍ୟ ରଖିଛି। ଏହା ଅପରାଧିକ ପ୍ରଣାଳୀ ସହ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତି: ଅଭିଯୁକ୍ତ, ପୀଡିତ ବା ବିଧି ସଙ୍ଗତ ଓ ଶାନ୍ତିପୂର୍ଣ ପରିବେଶରେ ଜୀବନ ଜାପାନ କରିବାକୁ ଇଚ୍ଛା ପ୍ରକାଶ କରୁଥିବା ବ୍ୟକ୍ତି ମାନଙ୍କ ଉପରେ ଗୁରୁତର ପ୍ରଭାବ ପକାଇବ |  ନ୍ୟାୟ ବ୍ୟବସ୍ଥା ଲୋକଙ୍କୁ ଭିନ୍ନ ଭାବରେ ପ୍ରଭାବିତ କରିଥାଏ | ଧାର୍ମିକ ଅଳ୍ପସଂଖ୍ୟକ, ଗରିବ, ଦଳିତ ଏବଂ ଆଦିବାସୀ ସମ୍ପ୍ରଦାୟ ପୁଲିସ ହିଂସା, ବିଚାରାଧୀନ କାରାଦଣ୍ଡ, କଠୋର ଦଣ୍ଡ ଏବଂ ଅଣଉପଯୋଗୀ ଆଇନ ସହାୟତା ଇତ୍ୟାଦିର ଶିକାର ହୋଇଥାନ୍ତି। ମହିଳା, ଟ୍ରାନ୍ସଜେଣ୍ଡର ଏବଂ ଲିଙ୍ଗ ଅଳ୍ପସଂଖ୍ୟକ, ଯେଉଁମାନେ ଲିଙ୍ଗ ଭିତ୍ତିକ ହିଂସାର ସମ୍ମୁଖୀନ ହୋଇଥାନ୍ତି, ନ୍ୟାୟ ବ୍ୟବସ୍ଥା ଅନେକ ସମୟରେ ତାଙ୍କୁ ପରିତ୍ୟକ୍ତ କରିଥାଏ | ଏହି ସବୁ କାରଣରୁ ଉପରୋକ୍ତ କମିଟିର କାର୍ଯ୍ୟପ୍ରଣାଳୀ ବିଷୟରେ ଜାଣିବା ଅତ୍ୟାବଶ୍ୟକ। ଏହି ୱେବ୍ସାଇଟ ନୂତନ ଆଇନ ସୁଧାର ପ୍ରଣାଳୀ ସହ ଜଡିତ ସମସ୍ୟା ଗୁଡିକୁ ବୁଝିବାରେ ଆମର ସହାୟତା କରିବ ବୋଲି କୁହାଯାଇଛି |

ଏହି ପୃଷ୍ଠାରେ, ଆମେ କମିଟିର ଗଠନ ଏବଂ କାର୍ଯ୍ୟକାରିତା ଉପରେ ମୁଖ୍ୟ ପ୍ରତିବାଦ ଗୁଡିକୁ ଉଲ୍ଲେଖ କରିଛୁ | ଏହି ସମସ୍ୟା ଗୁଡିକ ମୁଖ୍ୟତଃ: କମିଟିର ରଚନା, ଏଥିରୁ ବହିଷ୍କାର କରିବାର ପଦ୍ଧତି, ଏହାର କାର୍ଯ୍ୟକଳାପର ପାରଦର୍ଶିତା, ସର୍ବେକ୍ଷଣ ସମୟରେ ପଚରାଯାଇଥିବା ପ୍ରଶ୍ନର ପରିକଳ୍ପନା ଏବଂ ଏହାର କାର୍ଯ୍ୟ ସମାପ୍ତିର ସଂକୀର୍ଣ୍ଣ ସମୟସୀମା ସହିତ ଜଡିତ | ଆମର ଉଦ୍ଦେଶ୍ୟ ହେଉଛି ଏହି ତଥାକଥିତ ଜନହିତ ପାଇଁ ଆୟୋଜିତ କମିଟିର ସମସ୍ୟା ଗୁଡିକ ଉଜାଗର କରିବା।

କମିଟିର ଉଦେଶ୍ୟ ସମ୍ବିଧାନଗତ ମୂଲ୍ୟବୋଧର ସୁରକ୍ଷା ବୋଲି କୁହାଯାଉଥିବା ବେଳେ, ଏହା କିନ୍ତୁ ଏକ ଅତ୍ୟନ୍ତ ଦୟନୀୟ ସମୟରେ ଉପସ୍ଥାପିତ କରାଯାଉଛି | କୋବିଡ଼-୧୨ ମହାମାରୀ ଯୋଗୁଁ ଦେଶର ଲୋକମାନେ ଯନ୍ତ୍ରଣା ଭୋଗୁଛନ୍ତି। ଏହି ସମୟ ମଧ୍ୟରେ ସରକାର ନାଗରିକଙ୍କ ଶ୍ରମ, ପରିବେଶ ଏବଂ ଜମି ଅଧିକାରକୁ ପ୍ରଭାବିତ କରୁଥିବା ବହୁ ସୁଦୂରପ୍ରସାରୀ ଅଧିନିୟମରେ ପରିବର୍ତ୍ତନ ଆଣିସାରିଲେଣି । ଏହା ଛଡା କାର୍ଯ୍ୟକର୍ତ୍ତା, ଛାତ୍ର, ସଂଖ୍ୟାଲଘୁ ଏବଂ ଶିକ୍ଷକଙ୍କ ବିରୁଦ୍ଧରେ ସରକାର କଠୋର ଅପରାଧିକ ଆଇନ, ଯେପରିକି NSA ଏବଂ UAPA, ବ୍ୟବହାର କରିଆସୁଛନ୍ତି। ଏହି ପୃଷ୍ଠଭୂମି ରେ,  ଅପରାଧିକ ଆଇନରରେ ପରିବର୍ତ୍ତନ ଆଣିବା ପାଇଁ ଏକ କମିଟି ସର୍ବାଧିକ ପାରଦର୍ଶିତା ଓ ନ୍ୟାୟପୂର୍ଣ୍ଣତା ସହିତ କାର୍ଯ୍ୟକରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ | କିନ୍ତୁ ନିମ୍ନଲିଖିତ ସମସ୍ୟାଗୁଡ଼ିକ ଯୋଗୁଁ ଏହି କମିଟି ଉପଯୁକ୍ତ ଭାବରେ ନିଜର ଦାୟିତ୍ୱ ନିର୍ବାହ ନ କରିପାରିବାର ଆଶଙ୍କା ରହିଛି |

**୧. ଅସ୍ପଷ୍ଟତା**

(କ) କମିଟି ଗଠନ ହେବା ପରଠାରୁ ରେଫରେନ୍ସ ସର୍ତ୍ତାବଳୀ ସାର୍ବଜନୀକ କରାଯାଇ ନାହିଁ। ଏହା କମିଟିର କାର୍ଯ୍ୟ ଏବଂ ସୁପାରିଶ ର ଦାୟରା ନିର୍ଧାରିତ କରିବା ପାଇଁ ଆବଶ୍ୟକ।

(ଖ) ପରାମର୍ଶ ପ୍ରକ୍ରିୟା ସମୟରେ ସ୍ୱିକୃତ କରାଯାଇଥିବା ପ୍ରତିକ୍ରିୟା ଗୁଡିକ କମିଟି ପ୍ରକାଶ କରିନାହିଁ | ଶେଷ ରିପୋର୍ଟ ରେ ଏହି ପ୍ରତିକ୍ରିୟା ଗୁଡିକ ଗୋଲମାଲ ନ ହେବା ସୁନିଶ୍ଚିତ କରିବା ପାଇଁ ଏହା ଆବଶ୍ୟକ।

**୨. ସମୟସୀମା**

(କ) କୋଭିଡ -୧୨ ବିଶ୍ୱ ମହାମାରୀ ସମୟରେ ଏହି କମିଟି ଗଠନ କରାଯାଇଛି। ଲେଖା ସମୟରେ, ବିଶ୍ୱର ଅନ୍ୟ କୌଣସି ଦେଶରେ (ଆମେରିକା ଏବଂ ବ୍ରାଜିଲ ଛଡା) ଭାରତ ଅପେକ୍ଷା କରୋନାଭାଇରସ୍ ରୋଗର ମାତ୍ରା ଅଧିକ ନୁହେଁ। ଜନସ୍ୱାସ୍ଥ୍ୟ ଉପରେ ବ୍ୟାପକ ଚାପ ଏବଂ ବେକାରୀ ହାର ବୃଦ୍ଧି ଭଳି ଅନେକ ନକାରାତ୍ମକ ପରିସ୍ଥିତି

ମଧ୍ୟରେ ଭାରତୀୟ ନାଗରିକମାନେ ବଞ୍ଚିବାକୁ ଚେଷ୍ଟା କରୁଛନ୍ତି। ଏହି ସମୟରେ ସମସ୍ତ ଭାଗିଦାରଙ୍କ ସହଯୋଗର ଅପେକ୍ଷା କରିବ ଉଚିତ ହେବ ନାହିଁ |

(ଖ) ୱେବସାଇଟ୍ ଅନୁଯାୟୀ, ଅପରାଧିକ ପ୍ରକ୍ରିୟା ଓ ପ୍ରମାଣ ଆଇନ (CrPC, IEA) ସମେତ ଅପରାଧିକ ଆଇନରେ (IPC) ସଂସ୍କାର ଆଣିବ ପାଇଁ କମିଟି ଲକ୍ଷ୍ୟ ରଖିଛି। ଉପରୋକ୍ତ ଆଇନଗୁଡିକର ବ୍ୟାପକ ପରିଧି ଅଛି | ଉଦାହରଣ ସ୍ୱରୂପ, IPC ରେ ଅପରାଧ ଗୁଡିକର ବ୍ୟାଖ୍ୟା କରାଯାଇଛି; କେଉଁ ଆଚରଣକୁ ଅପରାଧ ବିବେଚନା କରାଯିବା ଉଚିତ; କେଉଁ ପରିସ୍ଥିତିରେ ଅପରାଧ କରିବାର ଉଦ୍ଦେଶ୍ୟ ନ ଥାଇ ମଧ୍ୟ ଦଣ୍ଡ ଦିଆଯାଇପାରିବ; କେଉଁ ପରିସ୍ଥିତିରେ ଜଣେ ବ୍ୟକ୍ତି ଅପରାଧ କରିବାର ପ୍ରୟାସ ପାଇଁ ଦାୟୀ ହୋଇପାରେ; ଯେତେବେଳେ କେହି ଦୋଷୀ ସାବ୍ୟସ୍ତ ହୁଏ ରାଜ୍ୟ କିପରି ପ୍ରତିକ୍ରିୟା କରିବ; କେତେବେଳେ ଅପରାଧର ସମସ୍ତ ଉପାଦାନ ଉପସ୍ଥିତ ଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ଭାବେ ଖଲାସ କରାଯିବା ଉଚିତ; ଭାରତୀୟ ଦଣ୍ଡ ସଂହିତା, ୧୮୬୦ (IPC) ଅନୁଯାୟୀ କେଉଁ ସଂଜ୍ଞା ସଂଶୋଧନ କରାଯିବା ଉଚିତ୍; କେଉଁ ପରିସ୍ଥିତିରେ ଅକର୍ମକୁ ଦଣ୍ଡ ଦିଆଯିବା ଉଚିତ; ଅପରାଧଗୁଡିକ କିପରି ଆଇପିସି ଅଧୀନରେ ବର୍ଗୀକୃତ ହେବା ଉଚିତ ଏବଂ 'ଅନ୍ୟାନ୍ୟ ସଂସ୍କାର ଯାହା ଆବଶ୍ୟକ ହୋଇପାରେ।ସମଗ୍ର ପରାମର୍ଶର ପ୍ରକ୍ରିୟା ୪ ଜୁଲାଇ ୨୦୨୦ ରୁ ୯ ଅକ୍ଟୋବର ୨୦୨୦ ପର୍ଯ୍ୟନ୍ତ ପ୍ରାୟ ତିନିମାସ ମଧ୍ୟରେ ଶେଷ ହେବା ପାଇଁ ଉଦ୍ଦିଷ୍ଟ | ଏହି ଉଦ୍ଦିଷ୍ଟ ସମୟସୀମା ମଧ୍ୟରେ ୬ଟି ପ୍ରଶ୍ନାବଳୀ ର ୩୦୦ରୁ ଉର୍ଦ୍ଧ୍ୱ ପ୍ରଶ୍ନ ର ପ୍ରତିକ୍ରିୟା ନେବା ପାଇଁ କମିଟି ନିର୍ଧାରଣ କରିଛି। ସାଧାରଣ ପରିସ୍ଥିତିରେ, ନାଗରିକମାନଙ୍କ ପାଇଁ ଏହି ପରିବର୍ତ୍ତନଗୁଡ଼ିକର ସହ ତିନିମାସ ମଧ୍ୟରେ ସମ୍ପୃକ୍ତ ହେବା କଷ୍ଟକର ହେବ | ମହାମାରୀ ସମୟରେ ଏହା ପ୍ରାୟ ଅସମ୍ଭବ ଅଟେ। ଏହି ପ୍ରସଙ୍ଗରେ କୁହା ଯାଇପାରେ ଯେ, ଅପରାଧିକ ଆଇନ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଗଠିତ ପୂର୍ବତନ ମଳିମାତ କମିଟିକୁ ରିପୋର୍ଟ ବାହାର କରିବ ପାଇଁ ଅଢେଇ ବର୍ଷ ସମୟ ଲାଗିଥିଲା |

**୩. ପ୍ରଶ୍ନାବଳୀ**

(କ) ପ୍ରଶ୍ନାବଳି ଗୁଡିକ ବିସ୍ତୃତ ଅଟେ | ଉଦାହରଣ ସ୍ୱରୂପ, ପ୍ରଥମ ୬ଟି ପ୍ରଶ୍ନାବଳୀ ମଧ୍ୟରେ ୪୬ଟି ପ୍ରଶ୍ନ ଅନ୍ତର୍ଭୁକ୍ତ | ତଥାପି, ପ୍ରଶ୍ନପତ୍ରରେ ଚିହ୍ନଟ ହୋଇଥିବା କ୍ଷେତ୍ରରେ ସଂସ୍କାରର ଆବଶ୍ୟକତା କିମ୍ବା ପ୍ରସଙ୍ଗ ଉପରେ କମିଟି ପକ୍ଷରୁ କୌଣସି ନିର୍ଦ୍ଦେଶନାମା ପ୍ରଦାନ କରାଯାଇ ନାହିଁ। କେଉଁ ଆଧାରରେ କମିଟି ନିଷ୍ପତ୍ତି ନେଇଛି ଯେ ଆଇନର ବିଶିଷ୍ଟ କ୍ଷେତ୍ରଗୁଡିକରେ ସଂସ୍କାରର ଆବଶ୍ୟକତା ହୋଇପାରେ?

(ଖ) ପ୍ରଶ୍ନାବଳୀ ଗୁଡିକ ଭଲ ଭାବରେ ପ୍ରସ୍ତୁତ ହୋଇ ନାହିଁ | ପ୍ରଶ୍ନାବଳୀ ଗୁଡିକ ବହୁ ସମୟରେ ଅସ୍ପଷ୍ଟ ଓ ଆନୁମାନିକ ଭାବରେ ଲେଖା ଯାଇଛି। ଯେଉଁମାନେ ଆଇନଗତ ଶିକ୍ଷାର ଲାଭ କରିନାହାନ୍ତି ସେମାନଙ୍କ ପାଇଁ ଏହି ଭାଷା ବୁଝିବା କଷ୍ଟସାଧ୍ୟ |

ନିମ୍ନଲିଖିତ ଉଦାହରଣ ଏହି ବିଷୟ ଗୁଡିକୁ ବ୍ୟାଖ୍ୟା କରିବାରେ ସାହାଯ୍ୟ କରିବ |

**କମିଟିର ପ୍ରଶ୍ନାବଳୀରେ ଥିବା ତ୍ରୁଟିର ଏକ ବିବରଣୀ: 'କଠୋର ଦାୟିତ୍ୱ'**

ପ୍ରକାଶିତ ପ୍ରଥମ ପ୍ରଶ୍ନପତ୍ରରେ ଗୋଟିଏ ପ୍ରଶ୍ନ ହେଉଛି, "ଅପରାଧର ବିଷୟବସ୍ତୁ ଏବଂ ପ୍ରକୃତି ସମ୍ବନ୍ଧରେ କେଉଁ ନୀତିଗୁଡିକ ଆଇପିସି ମଧ୍ୟରେ 'କଠୋର ଦାୟିତ୍ୱ' (strict liability) ଅପରାଧର ପ୍ରବର୍ତ୍ତନ ପାଇଁ ଉଚିତ ଭାବରେ ମାର୍ଗଦର୍ଶନ କରିପାରିବେ?" ଆଇନଜ୍ଞ ସମାଜ ବାହାରେ ଅନେକ ଲୋକ 'କଠୋର ଦାୟିତ୍ୱ' କ'ଣ ଜାଣନ୍ତି ନାହିଁ | ଏବଂ 'କଠୋର ଦାୟିତ୍ୱ' କୁ କିଭଳି ବୁଝାଯିବା ସେ ସମ୍ବନ୍ଧରେ କମିଟି କୌଣସି ସୂଚନା ଦେଇନାହିଁ। କଠୋର ଦାୟିତ୍ୱ କାହାକୁ କୁହାଯାଏ ଏହି ବିଷୟରେ ଅଇନଜ୍ଞଙ୍କ ମଧ୍ୟରେ କିଛି ସାମଞ୍ଜସ୍ୟ ନାହିଁ। ସାଧାରଣତଃ, ଏହି ଶବ୍ଦଟିର ଅର୍ଥଟିକୁ ବୁଝିବାକୁ ହେଲେ, ଆମକୁ ପ୍ରଥମେ ଅପରାଧ କାହାକୁ କୁହାଯାଏ ତାହା ବୁଝିବାକୁ ପଡିବ | ଯେତେବେଳେ ଏକ ଆଇନ ଦ୍ୱାରା ନିଷେଧ କାର୍ଯ୍ୟ ବା ଆଚରଣକୁ

ଉଦେଶ୍ୟ ସହ ପୁର୍ଣ କରାଯାଇଥାଏ, ଏହି କାର୍ଯ୍ୟ ବା ଆଚରଣକୁ ଅପରାଧ ବୋଲି କୁହାଯାଏ |କିନ୍ତୁ 'କଠୋର ଦାୟିତ୍ଵ' ଅନ୍ତର୍ଗତ ଆସୁଥିବା ଅପରାଧ ଗୁଡିକରେ ଉଦେଶ୍ୟର ଉପସ୍ଥିତିକୁ ଗୁରୁତ୍ଵ ଦିଆ ଯାଇନଥାଏ | ଯେହେତୁ ଅପରାଧର ଉଦେଶ୍ୟ ନଥାଇ ମଧ୍ଯ ଏହି ସିଦ୍ଧାନ୍ତ ଅନୁସାରେ ଜଣକୁ ଅପରାଧୀ ବୋଲି ଘୋଷଣା କରାଯାଇ ପାରିବ, ଏହା ଏକ ସଂବେଦନଶୀଳ ବିଷୟ ଅଟେ | ଏହି ପରିପେକ୍ଷି ରେ କମେଟି ର ପ୍ରଶ୍ନ ବ୍ୟବହାରିକ ନୁହେଁ। ଏହା ଛଡା ଏହି ପ୍ରଶ୍ନ 'କଠୋର ଦାୟିତ୍ଵ' ର ଉପକରିତା କୁ ମାନ୍ୟ କରିନେଇ, କେଉଁ ପରିସ୍ଥିତି ଓ କାହିଁକି ଏହି ଅପରାଧ କୁ ସାମିଲ କରିବା ଉଚିତ ଏହ କଥା ପଚାରିଛି। ଏଭଳି ଏକ ଗୁରୁତ୍ୱପୂର୍ଣ ପ୍ରାବଧାନ କୁ ଅଣଦେଖା କରିବାର ଭୟାବହ ପରିଣାମ ଅଛି।

(ଗ) କମିଟି ଏକ କ୍ରମ ଅନୁସାରେ ପ୍ରଶ୍ନାବଳୀ ଗୁଡିକ ଦେବା ପାଇଁ ଯୋଜନା କରିଛି: ପ୍ରଥମେ IPC ସହିତ, ପରେ CrPC ସହିତ ଏବଂ ଶେଷରେ IEA ସହିତ | ଆଇନର ଏହି ଅଧିନିୟମ ଗୁଡିକ ସହିତ କ୍ରମାନୁକ୍ରମେ କାରବାର କରିବା ବ୍ୟବହାରିକ ନୁହେଁ କାରଣ ସେମାନେ ସମସ୍ତେ ପରସ୍ପର ଉପରେ ନିର୍ଭରଶୀଳ। ବ୍ୟାପକ ଭାବରେ କହିବାକୁ ଗଲେ, ଅପରାଧ କ'ଣ ତାହା ବର୍ଣ୍ଣନା କରେ IPC| ଅଦାଲତରେ ଅପରାଧ କିପରି ପ୍ରମାଣିତ ହୁଏ ତାହାର ପ୍ରଣାଳୀ ଏବଂ ସ୍ପଷ୍ଟୀକରଣ ନିୟମଗୁଡିକ ନିୟନ୍ତ୍ରଣ କରେ CrPC |

ପରାମର୍ଶଦାତା ମନେ ହୁଏତ ନୂଆ ଅପରାଧ ଯୋଡିବା ବା ସଂଶୋଧନ କରିବା ସମୟରେ ପ୍ରମାଣ (Evidence Act) ଓ ପ୍ରଣାଳୀ (Procedural Law) ଅଧିନିୟମକୁ ସ୍ଥିର ଭାବି ନିଜ ମତାମତ ଦେଇ ପାରନ୍ତି। ଅଇଁନର ଉପରୋକ୍ତ ବର୍ଗିକରଣ ଏହି କ୍ଷେତ୍ର ରେ ସମସ୍ୟା ସୃଷ୍ଟି କରିପାରେ।

**୪. ପ୍ରଣାଳୀ**

(କ) ମୁଖ୍ୟତଃ, କମିଟି ବିଷୟରେ ସମସ୍ତ ସୂଚନା ଏହାର ୱେବ୍ସାଇଟରେ ଦିଆଯାଇଛି | କମିଟିର ପରାମର୍ଶ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଏହି ଅନଲାଇନ୍ ଉତ୍ସଗୁଡିକୁ ପ୍ରବେଶ କରିବା ଉପରେ ନିର୍ଭର କରେ। ଏହା କୁ ପରିଚାଳନା କରିବା, ଅନ୍ଲାଇନେ ସାଧନ ରେ ଅଭ୍ୟସ୍ତ ହବା ଏବଂ ୱେବସାଇଟ୍ କାର୍ଯ୍ୟ କରୁଥିବା ଭାଷା (ଇଂରାଜୀ) ବୁଝିବା ଉପରେ ନିର୍ଭର କରେ | ଭାଷାର ପ୍ରଚୁର ବିବିଧତା ଏବଂ କମ୍ ଇଣ୍ଟରନେଟ୍ ସୁବିଧା ଥିବା ଦେଶରେ, ଏହିପରି ଏକ ୱେବ୍ସାଇଟ ପଛୁଆ ଶ୍ରେଣୀର ଲୋକମଙ୍କୁ ବହିସ୍କୃତ ଅନୁଭବ କରାଇବ |

**୫. ରଚନା**

(କ) ଏହି କମିଟିରେ କେବଳ ପାଞ୍ଚଜଣ ସଦସ୍ୟ ଅଛନ୍ତି, ଯଉଁମାନଙ୍କର ଅନ୍ୟାନ୍ୟ ଫୁଲ-ଟାଇମ ଚାକିରୀ ଅଛି। କମିଟିର ସଂକୀର୍ଣ୍ଣ ସମୟସୀମା କୁ ଆଖି ଆଗରେ ରଖି ଏହା ସ୍ପଷ୍ଟ ଭାବରେ କୁହଯାଇପାରେ ଯେ ପୁର୍ଣକାଳୀନ ସଦସ୍ୟଙ୍କ ବିନା କମିଟି ଦକ୍ଷ ଏବଂ ଗଣତାନ୍ତ୍ରିକ ଭାବରେ କାର୍ଯ୍ୟ ସମ୍ପାଦନ କରିପାରିବ ନାହିଁ |

(ଖ) ଜାତି, ଲିଙ୍ଗ, ଧର୍ମ, ଏବଂ ବର୍ଣ ଅଳ୍ପସଂଖ୍ୟକ ମାନଙ୍କର ଏହି କମିଟିରେ କୌଣସି ପ୍ରତିନିଧିତ୍ଵ ନାହିଁ | ଆମେ ଯେତେ ଦୂର କହିପାରୁଛୁ, ଶ୍ରମିକ ଶ୍ରେଣୀ କିମ୍ବା ଭିନ୍ନକ୍ଷମ ସମ୍ପ୍ରଦାୟର ମଧ୍ଯ କୌଣସି ପ୍ରତିନିଧିତ୍ଵ ନାହିଁ | ଏପରିକି, ଉତ୍ତର ଭାରତର ସୀମିତ ଭୌଗଳିକ ଅଞ୍ଚଳ ବାହାରୁ କମିଟିରେ କୌଣସି ସଦସ୍ୟତା ନାହିଁ | ନାଗରିକ ସମାଜ ସଂଗଠନଗୁଡ଼ିକର ମଧ୍ଯ କୌଣସି ପ୍ରତିନିଧିତ୍ଵ ନାହିଁ, ଯେଉଁମାନେ ଏହି ଦଳିତ ଗୋଷ୍ଠିଙ୍କ ସହିତ କାର୍ଯ୍ୟ କରିବାର ଅନୁଭୂତି ରଖନ୍ତି | ସଂସ୍କାର ପ୍ରଣାଳୀର ଅବ୍ୟର୍ଥତା ଏବଂ ଗଣତାନ୍ତ୍ରିକତା ବଜାଇ ରଖିବା ଅତ୍ୟନ୍ତ ଜରୁରୀ | ସେଥିପାଇଁ ଯେଉଁମାନେ ଅପରାଧିକ ଆଇନ ଦ୍ଵାରା ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି ସେମାନଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରିବା ଆବଶ୍ୟକ |

ଉଦାହରଣ ସ୍ୱରୂପ, IPC ଅଧୀନରେ ସମ୍ମାନ ପାଇଁ ହତ୍ୟାକୁ ଏକ ନିର୍ଦ୍ଦିଷ୍ଟ ଅପରାଧ କରାଯିବା ଉଚିତ କି ନୁହେଁ ଏବଂ ଏହାକୁ କିପରି ଦଣ୍ଡିତ କରାଯିବ, ସେ ନେଇ କମିଟି ମତାମତ ମାଗିଛି। ଜାତି, ଧର୍ମ କିମ୍ବା ଲିଙ୍ଗ ଉପରେ ଆଧାର କରି ଶକ୍ତି ପ୍ରଦର୍ଶନ କରିବା ପାଇଁ ଏହି ହତ୍ୟା କରାଯାଇଥାଏ। ତେଣୁ ଏହି ନିର୍ଯ୍ୟାତନା ଅନୁଭବ କରୁଥିବା ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ ନକରି ଏହି ପ୍ରସଙ୍ଗରେ ପରିବର୍ତ୍ତନ ଆଣିବା ଠିକ ନୁହେଁ |

(ଗ) ଆଇନର ବିବାଦୀୟ କ୍ଷେତ୍ରଗୁଡିକୁ ନେଇ ଜନସାଧାରଣଙ୍କ ସହ ବ୍ୟାପକ ପରାମର୍ଶ କରି ପରିବର୍ତନ ର ସୁଝାବ ପାଇଁ 'ଭାରତର ଆଇନ ଆୟୋଗ' ବିଦ୍ୟମାନ ଅଛି | ଆଇନ ଆୟୋଗର ଥାଉ ଥାଉ ଏଭଳି ଏକ ଗୁରୁତ୍ୱପୁର୍ଣ କାର୍ଯ୍ୟ ଅନ୍ୟ ଏକ କମିଟିକୁ ଦେବା ର କୌଣସି କାରଣ ନାହିଁ|

**ଉପରୋକ୍ତ ସମାଲୋଚନାକୁ ଦୃଷ୍ଟିରେ ରଖି କମିଟି ତୁରନ୍ତ ପ୍ରଭାବ ସହିତ କାର୍ଯ୍ୟ ବନ୍ଦ କରିବା ଜରୁରୀ ଅଟେ। ଯଦି ଅପରାଧିକ ଆଇନ ସଂସ୍କାର ଆଣିବା ଆବଶ୍ୟକ, ତେବେ ଏହା ଉଚିତ ପରାମର୍ଶ, ସଠିକ ପ୍ରକ୍ରିୟା, ଉପଯୁକ୍ତ ସମାବେଶ ଏବଂ ସ୍ୱଚ୍ଛ ପ୍ରଣାଳୀ ଅନୁସରଣ ଦ୍ୱାରା କରାଯିବା ଉଚିତ | କିନ୍ତୁ ଏହା କୋଭିଡ-୧୯ ମହାମାରୀର ସମସ୍ୟା ସମାଧାନ ହେବ ପରେ କରାଯିବା ଉପଯୁକ୍ତ ଅଟେ |**